# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**14 March - 2025**

**News Editor : Tapan Kumar Moharana**

*******************************

## ମୁଖ୍ୟ ସମ୍ବାଦ

- ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ମାଧୁର୍ଯ୍ୟକୁ ନେଇ ରାଜ୍ୟରେ ଆନନ୍ଦ ଉଲ୍ଲାସରେ ପାଳିତ ହେଉଛି ଦୋଳ ଯାତ୍ରା ଓ ହୋଲିପର୍ବ

— ଶ୍ରୀମନ୍ଦିରରେ ଶ୍ରୀଜୀଉମାନେ ଭକ୍ତଙ୍କୁ ସୁନାବେଶରେ ଦେଉଛନ୍ତି ଦର୍ଶନ

- ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ କରାଯିବ ଏଲିଭେଟେଡ୍ କରିଡର

- ହୋଲି ପର୍ବ ଯୋଗୁଁ ଯେଉଁ ଛାତ୍ରଛାତ୍ରୀମାନେ ଆସନ୍ତାକାଲି ସିବିଏସ୍ଇ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କ ପାଇଁ ବୋର୍ଡ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ଏବଂ

- ପଶ୍ଚିମ ଓଡ଼ିଶା ଜିଲ୍ଲା ସମେତ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ଜାରି

# ଦୋଲ ହୋଲି

ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ମାଧୁର୍ଯ୍ୟକୁ ନେଇ ଯୁଗଯୁଗ ଧରି ପାଳିତ ହୋଇଆସୁଥିବା ମହୋତ୍ସବ ଗୁଡ଼ିକ ମଧ୍ୟରେ ଦୋଳଯାତ୍ରା ଓ ହୋଲି ଏକ ଶ୍ରେଷ୍ଠ ଗଣପର୍ବ ଭାବେ ପାଳନ କରାଯାଇଥାଏ । ବସନ୍ତଋତୁକୁ ସ୍ୱାଗତ କରିବାକୁ ଏହି ପର୍ବ ସ୍ନେହ, ସଦ୍ଭିଚ୍ଛା, ସୌହାର୍ଦ୍ଦ୍ୟ ଏବଂ ଭାଇଚାରାର ପ୍ରତୀକ ଭାବେ ପାଳନ କରାଯାଉଛି । ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଦୋଳଯାତ୍ରା ଆଜି ଦୋଳପୂର୍ଣ୍ଣମୀରେ ରାଧାକୃଷ୍ଣ ମନ୍ଦିର କିମ୍ବା ଶ୍ରୀଜଗନ୍ନାଥ ମନ୍ଦିରର ଚଳନ୍ତି ପ୍ରତିମାଙ୍କୁ ଦୋଳ ବା ବିମାନରେ ବସାଇ ଦୋଳ ମେଳଣ କରାଯାଇଥାଏ । ଓଡ଼ିଆ ଜ୍ୟୋତିର୍ବିଦ୍‌ଙ୍କ ତଥ୍ୟ ଅନୁସାରେ, ଦୀର୍ଘ ୮ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳ ପର୍ବ ପାଳିତ ହୋଇ ଆସୁଛି । ଏହି ପର୍ବ ୫ ଦିନ ମହାସମାରୋହରେ ପାଳିତ ହୋଇଥିବାରୁ ଏହାକୁ ରଜଦୋଳ ବା ପଞ୍ଚୁଦୋଳ କୁହାଯାଇଥାଏ । ରାଜ୍ୟର ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଇଥାଏ ।

ଦେଶବ୍ୟାପୀ ରଙ୍ଗର ପର୍ବ ହୋଲି ଆରମ୍ଭ ହୋଇଛି । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରଙ୍ଗର ପର୍ବ ହୋଲି ସମସ୍ତଙ୍କ ଜୀବନରେ ସୁଖସମୃଦ୍ଧି ଆଣିଦେଉ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି ।

ସମାଜର ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଏହି ପର୍ବ ଏକତାର ପ୍ରତୀକ ଭାବେ ପାଳନ କରାଯାଇଥାଏ। ଅସତ୍ୟ ଉପରେ ସତ୍ୟର ଜୟ ଏବଂ ସମାଜରେ ଭଲପାଇବାର ବାର୍ତ୍ତାକୁ ଏହି ପର୍ବ ପ୍ରଚାର କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ପବିତ୍ର ହୋଲି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଓ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଲେଖିଛନ୍ତି – ଏହି ଉତ୍ସବ ସମସ୍ତଙ୍କ ଜୀବନରେ ଶକ୍ତି ଓ ଉତ୍ସାହ ଭରିଦେବା ସହିତ ସମସ୍ତଙ୍କ ପାଇଁ ଖୁସି ଓ ଆନନ୍ଦ ଆଣିଦେଉ। ଦେଶବାସୀଙ୍କ ମଧ୍ୟରେ ଏକତାର ରଙ୍ଗ ଆହୁରି ନିବିଡ଼ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଦୋଳଗୋବିନ୍ଦଙ୍କ ଅପାର କୃପାରୁ ସମସ୍ତଙ୍କ ଜୀବନ ସୁଖ ଶାନ୍ତିରେ ଭରିଯାଉ ବୋଲି କାମନା କରିଛନ୍ତି।

**କେନ୍ଦ୍ରମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଦୋଳପୂର୍ଣ୍ଣିମା ଅବସରରେ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି।

## ଶ୍ରୀମନ୍ଦିରରେ ଦୋଳ ଉତ୍ସବ

ପବିତ୍ର ଦୋଳପୂର୍ଣ୍ଣିମୀ ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଇଛି । ସକାଳୁ ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆଳତୀ ଆଦି ଦୈନିକ ନୀତି ସମ୍ପାଦନ ପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହି ଦୁର୍ଲଭ ବେଶ ଦର୍ଶନ ନେଇ ଶ୍ରୀମନ୍ଦିରରେ ପ୍ରବଳ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଛି। ସେହିପରି ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ଯାଇ ଦୋଳବେଦୀ ଦୋଳିରେ ଆଜି ବିଜେ ହେବେ । ସେଠାରେ ଶ୍ରୀଜୀଉଙ୍କ ଫଗୁ ଖେଳ ଅନୁଷ୍ଠିତ ହେବ । ଏହି ଅବସରରେ ପାରମ୍ପରୀକ ରୀତିନୀତିମତେ ଶ୍ରୀଜୀଉମାନଙ୍କ ସମ୍ମୁଖରେ ଦୋଳବେଦୀ ଉପରେ ନୂତନ ପଞ୍ଜିକା ପାଠ କରାଯିବ। ଭକ୍ତଙ୍କ ଭିଡକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଏଲିଭେଟେଡ କରିଡ଼ର

ରାଜ୍ୟ ସରକାର ଭୁବନେଶ୍ୱରରେ ଏଲିଭେଟେଡ କରିଡ଼ର କରିବା ନେଇ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଏହାର ଭିତ୍ତିପ୍ରସ୍ତର ଏପ୍ରିଲ ମାସରେ  କରାଯିବ ବୋଲି ରାଜ୍ୟ ସରକାର ଯୋଜନା କରିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ସ୍ମାର୍ଟ ସିଟିରୁ ଟ୍ରାଫିକ ଭିଡ କମାଇବା ପାଇଁ  ସରକାର ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ

ଏଲିଭେଟେଡ କରିଡ଼ର କରିବେ। ଏହାକୁ ଡବଲ ଡେକର କରିଡ଼ର କରିବା ପାଇଁ ଯୋଜନା କରାଯାଇଛି। ପ୍ରଥମ ଫ୍ଲୋର ରାସ୍ତାରେ ୪ ଲେନ୍ ରାସ୍ତା ରହିବ, ତା ଉପର ବା ଦ୍ୱିତୀୟ ଫ୍ଲୋରରେ ମେଟ୍ରୋ ଟ୍ରେନ ଯିବା ପାଇଁ ଟ୍ରାକ ରହିବ। ତଳେ ୬ ଲେନ ରାସ୍ତା, ଏଲିଭେଟେଡ ରାସ୍ତାରେ ୪ ଲେନ ରାସ୍ତାକୁ ମିଶାଇ ୧୦ ଲେନ ରାସ୍ତା ନିର୍ମାଣ କରାଯିବ। ଏହାଦ୍ୱାରା ଜମି ଅଧିଗ୍ରହଣ ଓ ଉଚ୍ଛେଦ ଭଳି ସମସ୍ୟା ରହିବ ନାହିଁ। ଏହାସହ କ୍ୟାପିଟାଲ ରିଜିୟନ ରିଙ୍ଗ ରୋଡ଼ ପାଇଁ ମଧ୍ୟ ଟେଣ୍ଡର କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୱେଭ୍ସ୍

ବିଶ୍ୱ ଦୃଶ୍ୟ, ଶ୍ରାବ୍ୟ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍ସ୍‌କୁ ବ୍ୟାପକ କରିବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ଆନିମେସନ ଚଳଚ୍ଚିତ୍ର ନିର୍ମାଣ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ପାଇଁ ୭୮ ଜଣ ନିର୍ମାତା ମନୋନୀତ ହୋଇଛନ୍ତି ।

ସୂଚନାଯୋଗ୍ୟ, ୱେଭ୍ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି କେନ୍ଦ୍ର ସରକାର ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରୁଛନ୍ତି ।

## ସାଇକ୍ଲୋଥୋନ୍

'ସୁରକ୍ଷିତ ତଟ ସମୃଦ୍ଧ ଭାରତ' ଅଭିଯାନ ବାର୍ତ୍ତା ନେଇ ଆଜି ସିଆଇଏସ୍‌ଏଫ୍‌ର ସାଇକେଲ ଶୋଭାଯାତ୍ରା ପୁରୀରୁ ବାହାରି କୋଣାର୍କରେ ପହଞ୍ଚିଛି। ପୁରୀ ପହଞ୍ଚିବା ପରେ ଏହି ସାଇକେଲ ରାଲିକୁ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ଉପକୂଳଠାରେ ସ୍ୱାଗତ କରିଥିଲେ। ଏହି ଅବସରରେ ସମୁଦ୍ରକୂଳଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କେନ୍ଦ୍ରୀୟ ଉଦ୍ୟୋଗ ସୁରକ୍ଷା ବଳ ପକ୍ଷରୁ ଏଇ ସଚେତନତା ସାଇକେଲ ଶୋଭାଯାତ୍ରାର ୬୦ ଜଣିଆ ଦଳ ପଶ୍ଚିମବଙ୍ଗରୁ ବାହାରି କନ୍ୟାକୁମାରୀ ପର୍ଯ୍ୟନ୍ତ ଯାତ୍ରା କରୁଅଛି। ଭାରତର ତଟବର୍ତ୍ତୀ ଅଞ୍ଚଳ ସୁରକ୍ଷିତ ରଖିବା ତଥା ଦେଶରେ ବେଆଇନ୍ ନିଶା କାରବାର ରୋକିବା ସହ ସମୃଦ୍ଧ ଭାରତ ଗଠନ ଦିଗରେ କାର୍ଯ୍ୟ କରିବା ଲକ୍ଷ୍ୟ ନେଇ ଏହି ଶୋଭାଯାତ୍ରା ବାହାରିଛି।

## ଜନ ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ମାର୍ଚ୍ଚ ୧୭ ତାରିଖରେ ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ।

## ସିବିଏସ୍‌ଇ ଏକ୍ସାମ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ. ପକ୍ଷରୁ କୁହାଯାଇଛି, ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୧୫ରେ  ହୋଲିପର୍ବ ପାଳନ ହେଉଥିବା ସତ୍ତ୍ୱେ କେତେକ ସ୍ଥାନରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଅନୁଷ୍ଠିତ ହେବ। ବୋର୍ଡ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଆସନ୍ତାକାଲି ହିନ୍ଦୀ କୋର୍ ଏବଂ ଇଲେକ୍‌ଟିଭ୍ ବିଷୟ ପରୀକ୍ଷା ରହିଛି। ଯଦି କୌଣସି ଛାତ୍ରଛାତ୍ରୀ ଆସନ୍ତାକାଲି ପରୀକ୍ଷା ଦେଇ ନ ପାରିବେ ତେବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆୟୋଜନ ହେବାକୁ ଥିବା ସ୍ୱତନ୍ତ୍ର ପରୀକ୍ଷାରେ ସାମିଲ ହୋଇ ପରୀକ୍ଷା ଦେଇପାରିବେ।

## ବୈଠକ-ଅନୁ ଗର୍ଗ

ରାଜ୍ୟରେ ସ୍ଥାୟୀ ଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ନେଇ ଏକ ବୈଠକ ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ପ୍ରଭାବୀ ଢ଼ଙ୍ଗରେ କାର୍ଯ୍ୟ କରିବା ଓ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ବ୍ୟୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଛି। ବୈଠକରେ ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧିନରେ ଚୟନ କରାଯାଇଥିବା ୧୫ଟି ଜିଲ୍ଲାର ୫୩୮ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା।

## ଫୋର୍ସ୍ ମୁତୟନ

ହୋଲି ପର୍ବରେ ଦୁର୍ଘଟଣା ରୋକିବା ପାଇଁ ରାଜ୍ୟ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଟକ-ଭୁବନେଶ୍ୱର ପାଇଁ ଅଧିକ ଫୋର୍ସ୍ ମୁତୟନ କରାଯାଇଛି। ଏହି ଦୁଇଟି ସହରର ଅତି ସମ୍ବେଦନଶୀଳ ଓ ଦୁର୍ଘଟଣାବହୁଳ ଜଳାଶୟ ନିକଟରେ ଫୋର୍ସ୍ ମୁତୟନ ହେବେ। ଭୁବନେଶ୍ୱରରେ ୫ଟି ଓ କଟକରେ ୩ଟି ଅତିରିକ୍ତ ଦଳ ନଦୀ ଘାଟରେ ମୁତୟନ ରହିବେ। ଏହା ବ୍ୟତୀତ ପ୍ରତି ଜିଲ୍ଲାର ସଦର ମହକୁମାରେ ଗୋଟିଏ ଲେଖାଏଁ ଦଳ ନଦୀଘାଟରେ ମୁତୟନ ରହିବେ। ମୋଟ୍ ୩୪୫ ଅଗ୍ନିଶମ ଦଳ ସାରା ରାଜ୍ୟରେ ମୁତୟନ ରହିବେ। ଦିନ ୧୨ଟାରୁ ଗୋଟାଏ ସୁଦ୍ଧା ହୋଲି ଖେଳ ସାରିବାକୁ ଡିସିପି ହୃଷିକେଶ ଖିଲାରୀ ପରାମର୍ଶ ଦେଇଛନ୍ତି।

## ଦୋଳ-ଜିଲ୍ଲା

ପବିତ୍ର ଦୋଳପର୍ବ ଲାଗି **ନୟାଗଡ଼** ଜିଲ୍ଲାରେ ଗାଁଠୁ ସହର ଉତ୍ସବମୁଖର ହୋଇଉଠିଛି। ଠାକୁରମାନଙ୍କୁ ବିମାନରେ ବସାଇ ପଟୁଆରରେ ଗାଁ-ଠୁ ସହର ପରିକ୍ରମା କରାଇଛନ୍ତି।

**ଭଦ୍ରକ** ଜିଲ୍ଲାରେ ଦୋଳବିମାନରେ ରାଧାକୃଷ୍ଣଙ୍କୁ ବିଭିନ୍ନ ଗ୍ରାମ ପରିକ୍ରମା କରାଇବା ପରେ ମେଲଣ ପଡିଆ ପୂଜା ମଣ୍ଡପକୁ ନିଆଯାଇଛି। ସେଠାରେ ସମସ୍ତେ ମିଶି ହୋଲି ଖେଳିବା ସହ ଠାକୁରଙ୍କୁ ଦର୍ଶନ କରିଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲାରେ ଆଜି ସକାଳୁ ବିଭିନ୍ନ ଦେବାଳୟରେ ଠାକୁରଙ୍କ ଦିବ୍ୟସ୍ନାନ, ନୈବେଦ୍ୟ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ସବୁଠାରେ ଆମ୍ବକଷି, ଚାର, ମହୁଲ, କେନ୍ଦୁ, ଶାକରପଟି ପରି ନୂଆ ଗୁଣ୍ଡିଖାଇ ଭୋଗ ଅର୍ପଣ କରାଯାଇଛି ।

## ସାଇକେଲ ଶୋଭାଯାତ୍ରା

**ଗଞ୍ଜାମ** ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡରେ ବନାଗ୍ନି ରୋକିବା ନେଇ କଣ୍ଟେଇପଲ୍ଲୀ ବନସୁରକ୍ଷା ସମିତି ପକ୍ଷରୁ ସାଇକେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହାକୁ ଡିଏଫ୍ଓ ହିମାଂଶୁ ଶେଖର ମହାନ୍ତି ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ ।

## ତାଲିମ୍ କେନ୍ଦ୍ରରେ

**ବୌଦ୍ଧ** ଜିଲ୍ଲା କଣ୍ଟାମାଳ ବ୍ଲକ୍ ସମୀକ୍ଷା କକ୍ଷଠାରେ ଚାଲିଥିବା ଜଳସଂରକ୍ଷଣ ଓ ବ୍ୟବହାର ସମ୍ପର୍କିତ ତାଲିମ୍ କାର୍ଯ୍ୟକ୍ରମ ଗତକାଲି ଉଦ୍‌ଯାପିତ ହୋଇଛି । ଜଳମିତ୍ରମାନଙ୍କର ଦୁଇଦିନିଆ ତାଲିମ୍ କେନ୍ଦ୍ରରେ ବିଭିନ୍ନ ବିଷୟରେ ତାଲିମ୍ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମପଞ୍ଚାୟତର କର୍ମକର୍ତ୍ତା ଓ ନାଗରିକମାନେ ଅଂଶଗ୍ରହଣ କରିଥିଲେ ।

## ପାଣିପାଗ

ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଇବା ସହ ଅଧିକ ତାତି ଅନୁଭୂତ ହେବା ନେଇ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଅନୁମାନ କରିଛି। କେତେକ ସ୍ଥାନରେ ଦିନ ତାପମାତ୍ରା ୨ ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାରେ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ଆଜି ଦିନ ୧୧ଟା ସୁଦ୍ଧା ଝାରସୁଗୁଡ଼ାରେ ୩୭ ଦଶମିକ ୪ ଡିଗ୍ରୀ ସେଲସିୟସ ତାପମାତ୍ରା ରେକର୍ଡ କରାଯାଇଛି।

ସୂଚନା ଅନୁସାରେ ଆଜି କଳାହାଣ୍ଡି, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୁଳ, ବୌଦ୍ଧ, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ସାମାନ୍ୟ ଅଧିକ ହେବ ହେବ ବୋଲି ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।